# ଉହନୀ

## ("ଉହନୀ" ର ଅର୍ଥ ହେଲା "ଛାଞ୍ଚୁଣୀ")

ପ୍ରତ୍ୟୁଷରେ ହେଉ କି

ପ୍ରଦୋଷରେ ହେଉ

ବଡଦେଉଳର ବଡଦାଣ୍ଡରେ କି

ଶ୍ମଶାନର ଅଙ୍ଗାର- ନିଆଁ  ପାଖେ

କୃଷ୍ଣର ଦ୍ଵାରିକାରେ ଅବା

ସୁଦାମର କୁଟୀରରେ

ମୋ କାମ ତ ଗୋଟେ

    ସଫା କରିବାର କାମ

    ଭଲରୁ ମନ୍ଦ ଅଲଗା କରିବାର କାମ

ମୋର

    ସ୍ଥାନର ଜ୍ଞାନ ନହିଁ

    କାଳର ଫରକ ପଡେନି

    ପାତ୍ର ଜାଣିବାର ଇଛା ବି ନହିଁ  ।

ଖୁସି ହୁଏ , ଆନନ୍ଦ ମିଳେ

    ପ୍ରତିଟି ଅଙ୍ଗ ଛିଡିବାରେ

    ଲୀନ- ବିଲୀନ ହୋଇଯିବାଯାଏ

    ସମସ୍ତଙ୍କ ସେବାରେ

ମୋରି ଅନ୍ତରେ

ସ୍ବଚ୍ଛତାରେ, ମଇଳା ମୁକ୍ତ ସମାଜରେ

ସଫା, ସୁତୁରା , ସଫଳ ସୃଷ୍ଟିରେ ।

ଜାଣିନି; କାହିଁକି

ଉପେକ୍ଷିତ, ନିକ୍ଷେପିତ, ଅବହେଳିତ

ମୁଁ ଆଉ

ମୋତେ ଆପଣେଇଥିବା ଲୋକଟି

ଜୀବନସାଥି  କରିଥିବା ବ୍ୟକ୍ତିଟି

ବଞ୍ଚିବାର ରାହ ଟିକକ ପାଇଁ

ଭାତ ମୁଠେ ପାଇଁ

ପଖାଳ ଗଣ୍ଡେ ପାଇଁ ।

ମୁଁ ତ ମୁଁ

ଛାର ଛାଞ୍ଚୁଣୀଟିଏ

ଉଥୁରା "ଉହନୀ"ଟିଏ

"ପୁରୁଷୋତ୍ତମ ଦେବ" ଏଠି ବି ଶରବିଦ୍ଧ

ଉପହାସର ବ୍ରହ୍ମାସ୍ତ୍ରରେ

ଅମାନବିକତାର ଅହଂରେ

ଆନ୍ତରିକତାର ଆକଟରେ ।

ହିମାଂଶୁ ଶେଖର ବିଶ୍ୱାଳ

୧୮-୦୩-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା